# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ୨୦୨୩-୨୪

### ଶ୍ରେଣୀ - ପଞ୍ଚମ

ସମୟ : ୨ ଘଣ୍ଟା ପୂର୍ଣ୍ଣସଂଖ୍ୟା - ୧୦୦

**ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଉତ୍ତରଫର୍ଦ୍ଦ (OMR SHEET)ରେ ଥିବା ଗୋଲାକାର ଅଂଶକୁ ବଲ୍ ପଏଣ୍ଟ କଲମରେ ନୀଳ / କଳା କର ।**

**ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।** ୨ × ୫୦ = ୧୦୦

ରଫ୍

1. ଦୁଇଟି ସଂଖ୍ୟାର ଯୋଗଫଳ ସେମାନଙ୍କର ଅନ୍ତରଫଳର ୧୭ ଗୁଣ । ଯଦି ଯୋଗଫଳ ୧୫୩ ହୁଏ, ବଡ଼ ସଂଖ୍ୟାଟି କେତେ?

(A) ୮୪ (B) ୭୧ (C) ୮୧ (D) ୭୫

2. ଚାରୋଟି କ୍ରମିକ ସଂଖ୍ୟାର ଯୋଗଫଳ ୯୦୨ ହେଲେ, ସାନ ସଂଖ୍ୟାଟି ସ୍ଥିର କର ।

(A) ୨୨୪ (B) ୨୨୫ (C) ୨୨୭ (D) ୨୨୬

3. ୩ କି.ଗ୍ରା. ଆଳୁ ଓ ୪ କି.ଗ୍ରା. ବାଇଗଣର ଦାମ୍ ୪୦୦ ଟଙ୍କା । ୪ କି.ଗ୍ରା. ଆଳୁ ଓ ୩ କି.ଗ୍ରା. ବାଇଗଣର ଦାମ୍ ୩୭୦ ଟଙ୍କା । ୯ କି.ଗ୍ରା. ଆଳୁ ଓ ୯ କି.ଗ୍ରା. ବାଇଗଣର ଦାମ୍ କେତେ?

(A) ୯୫୦ ଟଙ୍କା (B) ୯୦୦ ଟଙ୍କା

(C) ୮୮୦ ଟଙ୍କା (D) ୯୯୦ ଟଙ୍କା

4. ଦୁଇଟି ସଂଖ୍ୟାକୁ ଏକ ଭାଜକ ଦ୍ୱାରା ପୃଥକ୍ ପୃଥକ୍ ଭାଗକଲେ ଭାଗଶେଷ ଯଥାକ୍ରମେ ୨୬୦ ଓ ୩୪୦ ରହେ । ମାତ୍ର ସଂଖ୍ୟା ଦୁଇଟିର ସମଷ୍ଟିକୁ ଉକ୍ତ ଭାଜକ ଦ୍ୱାରା ଭାଗକଲେ ଭାଗଶେଷ ୧୨୦ ରହେ । ତେବେ ଭାଜକଟି କେତେ?

(A) ୬୦୦ (B) ୪୫୦ (C) ୪୮୦ (D) ୫୦୦

5. ଭାଗକ୍ରିୟା ସାହାଯ୍ୟରେ ଦୁଇଟି ସଂଖ୍ୟାର ଗ.ସା.ଗୁ ନିର୍ଣ୍ଣୟ କଲାବେଳେ ଭାଗଫଳଗୁଡ଼ିକ ଯଥାକ୍ରମେ ୨, ୨ ଓ ୨ ହେଲା ଓ ଶେଷ ଭାଜକଟି ୪ ହେଲା ତେବେ ସଂଖ୍ୟା ଦୁଇଟି କେତେ?

(A) ୧୮ ଓ ୪୦ (B) ୨୦ ଓ ୪୮

(C) ୨୨ ଓ ୪୪ (D) ୨୪ ଓ ୪୪

https://ssvmkalamachhuin.in/

ରଫ୍

6. ଜଣେ ଲୋକ ଟଙ୍କାକୁ ୪ଟି ହିସାବରେ କେତେକ ପିଜୁଳି ବିକ୍ରି କରି ଯେତେ ଟଙ୍କା ପାଇଲା, ସେ ଯଦି ଟଙ୍କାକୁ ୩ଟି କରି ବିକ୍ରି କରିଥାଆନ୍ତା ପୂର୍ବାପେକ୍ଷା ୬ ଟଙ୍କା ଅଧିକ ପାଇଥାଆନ୍ତା । ତେବେ ସେ ଅତିକମ୍‌ରେ କେତୋଟି ପିଜୁଳି ଆଣିଥିଲା ?

(A) ୭୨ଟି (B) ୭୦ଟି (C) ୭୫ଟି (D) ୬୫ଟି

7. କେଉଁ କ୍ଷୁଦ୍ରତମ ସଂଖ୍ୟାକୁ ୫ ଓ ୬ ଦ୍ୱାରା ଭାଗକଲେ ଭାଗଶେଷ ପ୍ରତ୍ୟେକ ସ୍ଥଳରେ ୧ ରହିବ ମାତ୍ର ୭ ବା ୧୩ ଦ୍ୱାରା ଭାଗକଲେ ଭାଗଶେଷ '୦' ରହିବ ।

(A) ୯୮ (B) ୮୧ (C) ୭୧ (D) ୯୧

8. .୦୫ ଓ .୫% ମଧ୍ୟରେ ଅନ୍ତର କେତେ ?

(A) ୦.୫ (B) ୦.୦୪୫ (C) ୦.୦୫୫ (D) ୦.୪୯୫

9. ୭ ଡେସିମିଟର ଦୈର୍ଘ୍ୟ, ୭ ଡେସିମିଟର ପ୍ରସ୍ଥ ଓ ୭ ଡେସିମିଟର ଗଭୀରତା ବିଶିଷ୍ଟ ସମଘନାକାର ପାତ୍ରରେ କେତେ କିଲୋଲିଟର ଜଳ ରହିପାରିବ ?

(A) ୦.୩୪୩ (B) .୨୧୬ (C) ୩.୪୩ (D) ୩୪.୩

10. ୧୫ = ୩ × ୫

୧୧୫୫ = ୩୩ × ୩୫ .....

ତେବେ ୧୧୧୧୧୧୫୫୫୫୫୫ ଯେଉଁ ଦୁଇଟି ସଂଖ୍ୟାର ଗୁଣଫଳ ସେମାନଙ୍କର ଅନ୍ତର କେତେ ?

(A) ୫ (B) ୪ (C) ୨ (D) ୩

11. ୭ ଅନ୍ତରରେ ୩ଟି କ୍ରମିକ ସଂଖ୍ୟା ମଧ୍ୟରୁ ୧ମର $\frac{୧}{୪}$ + ୨ୟ + ୩ୟର $\frac{୧}{୨}$ = ୩୫, ସେମାନଙ୍କର ଯୋଗଫଳ କେତେ ?

(A) ୫୦ (B) ୫୭ (C) ୫୫ (D) ୫୩

12. ୫୦୦ ମଧ୍ୟରେ କେତୋଟି ସଂଖ୍ୟା ୩ କିମ୍ବା ୫ ଦ୍ୱାରା ବିଭାଜ୍ୟ ?

(A) ୨୩୩ (B) ୨୩୦

(C) ୩୩ (D) କୌଣସିଟି ନୁହେଁ

13. $୨୮^{୨} = \sqrt{୭୭୨+\sqrt{୧୪୦}+\sqrt{y}}$ ହେଲେ y ର ମୂଲ୍ୟ କେତେ ?

(A) ୨୦ (B) ୧୮ (C) ୧୬ (D) ୧୫

https://ssvmkalamachhuin.in/

14. ୭ଟି ମାଙ୍କଡ଼ ୭ ମିନିଟ୍‌ରେ ୭ଟି କଦଳୀ ଖାଆନ୍ତି ତେବେ ୧୩ଟି ମାଙ୍କଡ଼ ୨୮ ମିନିଟ୍‌ରେ କେତୋଟି କଦଳୀ ଖାଇବେ ?
(A) ୫୩ଟି (B) ୪୮ଟି (C) ୫୦ଟି (D) ୫୨ଟି

15. ଗୋଟିଏ ବଗିଚାରେ ଗାଈ, କୁକୁଡ଼ା ଓ ହଂସ ମିଶି ୫୦ଟି ଥିଲେ । ସେମାନଙ୍କର ଗୋଡ଼ ଗଣିବାରୁ ୧୬୦ ହେଲା । ଯଦି କୁକୁଡ଼ା ଓ ହଂସ ସମାନ ସଂଖ୍ୟକ ଥାଆନ୍ତି, ତେବେ ହଂସ ସଂଖ୍ୟା କେତେ ?
(A) ୧୦ଟି (B) ୨୦ଟି (C) ୧୨ଟି (D) ୧୫ଟି

16. ଜଣେ ବେପାରୀ ପ୍ରଥମ ଦିନ ୨୦% ଲାଭ କଲା, ଦ୍ୱିତୀୟ ଦିନ ୩୦% ଲାଭ କଲା ମାତ୍ର ୩ୟ ଦିନ ୨୫% କ୍ଷତି କଲା । ତେବେ ୩ ଦିନରେ ମୋଟ ସେ କେତେ ପ୍ରତିଶତ ଲାଭ ବା କ୍ଷତି କଲା ?
(A) ୨୫% ଲାଭ (B) ୫୬% କ୍ଷତି
(C) ୧୭% ଲାଭ (D) ୩୯% କ୍ଷତି

17. ୧୨ − ୧୫ ÷ କେତେ ? = ୧୧$\frac{୧}{୪}$
(A) ୧୬ (B) ୧୮ (C) ୨୪ (D) ୨୦

18. ଦୁଇଟି କ୍ରମିକ ସଂଖ୍ୟା ମଧ୍ୟରୁ ୧ମଟିର ୦.୫ ଓ ୨ୟଟିର ୦.୨୫ = ୮.୫ ହେଲେ, ବଡ଼ ସଂଖ୍ୟାଟି କେତେ ?
(A) ୧୨ (B) ୧୧ (C) ୧୪ (D) ୧୦

19. ୮.୩୭୫କୁ କେଉଁ କ୍ଷୁଦ୍ରତମ ଗଣନ ସଂଖ୍ୟା ଦ୍ୱାରା ଗୁଣନ କଲେ ଗୁଣଫଳ ଏକ ପୂର୍ଣ୍ଣ ଗଣନ ସଂଖ୍ୟା ହେବ ?
(A) ୧୦ (B) ୪ (C) ୮ (D) ୧୨

20. ରାମ ବାବୁ କେତୋଟି ନଡ଼ିଆ ଆଣି କେତୋଟି ନିର୍ଦ୍ଦିଷ୍ଟ ଝୁଡ଼ିରେ ସମାନ ଭାବରେ ରଖିବାକୁ ଇଚ୍ଛା କରି ପ୍ରତି ଝୁଡ଼ିରେ ୬ଟି କରି ରଖିବାରୁ ୮ଟି ନଡ଼ିଆ ନିଅଣ୍ଟ ହେଲା । ମାତ୍ର ପ୍ରତି ଝୁଡ଼ିରେ ୫ଟି କରି ରଖିବାରୁ ୨ଟି ନଡ଼ିଆ ନିଅଣ୍ଟ ହେଲା । ତେବେ ଝୁଡ଼ି ସଂଖ୍ୟା ଓ ନଡ଼ିଆ ସଂଖ୍ୟା କେତେ ?
(A) ୮ ଓ ୨୬ (B) ୬ ଓ ୨୮
(C) ୮ ଓ ୨୮ (D) ୬ ଓ ୨୬

21. ପ୍ରସନ୍ନ ବାବୁ ବାଇଗଣ କି.ଗ୍ରା. ପ୍ରତି ୬୦ ଟଙ୍କା ଦରରେ ୧୦ କି.ଗ୍ରା. ବାଇଗଣ ବିକ୍ରି କରି ୨ କି.ଗ୍ରା. ବାଇଗଣର ମୂଳକିଣା ଯେତେ, ସେତେ ଲାଭ କଲେ । ବାଇଗଣ କିଲୋ ପ୍ରତି ମୂଳକିଣା କେତେ ?
(A) ୫୫ ଟଙ୍କା (B) ୪୦ ଟଙ୍କା
(C) ୬୦ ଟଙ୍କା (D) ୫୦ ଟଙ୍କା

https://ssvmkalamachhuin.in/

ରଫ୍

22. ତୁଷାର ବାବୁ ଗୋଟିଏ କଲମକୁ ୧୦ ଟଙ୍କା ହିସାବରେ ୨୦ଟି କଲମ କିଣିଲେ । ସେ ଗୋଟିକୁ କେତେ ଦରରେ ବିକ୍ରିକଲେ ୪ଟି କଲମର ମୂଳକିଣା ଯେତେ ସେତେ ଲାଭ ହେବ ?

(A) ଟ୧୪.୫୦ପ (B) ଟ୧୨.୫୦ପ.

(C) ଟ୧୩.୫୦ପ. (D) ୧୨ ଟଙ୍କା

23. ଅଜୟ ବାବୁ ଆଳୁ ଦର ୨୫% ବଢ଼ିଯିବାରୁ ଖର୍ଚ୍ଚ ପରିମାଣକୁ କେତେ କମାଇଲେ ଅଧିକ ଖର୍ଚ୍ଚ ହେବ ନାହିଁ ?

(A) ୨୫% (B) ୧୫% (C) ୨୦% (D) ୨୪%

24. ବିଦ୍ୟା ଭାରତୀଙ୍କର ୨୦୨୨ରେ ପିଲାସଂଖ୍ୟା ୨୦% ବଢ଼ିଲା, ୨୦୨୩ରେ ୨୦% ବଢ଼ିଲା, ତେବେ ଦୁଇ ବର୍ଷରେ ଶତକଡ଼ା କେତେ ବଢ଼ିଲା ?

(A) ୪୪% (B) ୪୦% (C) ୪୨% (D) ୨୦%

25. କାବୁଲି ବାବୁ ନିଜ ଟଙ୍କାର ୩୦% ଶମ୍ଭୁ ବାବୁଙ୍କୁ ଓ ୨୫% ଜ୍ଞାନ ବାବୁଙ୍କୁ ଦେଲେ । ଯଦି ଜ୍ଞାନ ବାବୁ, ଶମ୍ଭୁ ବାବୁଙ୍କଠାରୁ ୪୦ ଟଙ୍କା କମ୍ ପାଇଥାନ୍ତି, କାବୁଲି ବାବୁଙ୍କ ପାଖରେ କେତେ ଟଙ୍କା ଥିଲା ?

(A) ୪୦୦ ଟଙ୍କା (B) ୮୦୦ ଟଙ୍କା

(C) ୬୦୦ ଟଙ୍କା (D) ୯୦୦ ଟଙ୍କା

26. ପ୍ରଫୁଲ୍ଲ ବାବୁ ଆଳୁ ବେପାରରେ ପ୍ରଥମ ଦିନ ୩୦% ଲାଭ କଲେ । ଓ ଦ୍ୱିତୀୟ ଦିନ ୨୫% କ୍ଷତି କଲେ । ଏହି ଦୁଇ ଦିନରେ ସେ ଶତକଡ଼ା କେତେ ଲାଭ ବା କ୍ଷତି କଲେ ?

(A) ୫% ଲାଭ (B) ୨୫% କ୍ଷତି

(C) ୩% ଲାଭ (D) ୨.୫% କ୍ଷତି

27. ୪ କି.ଗ୍ରା. ବାଇଗଣ ଓ ୩ କି.ଗ୍ରା. କାକୁଡ଼ିର ଦାମ୍ ୩୧୦ଟଙ୍କା । ୫ କି.ଗ୍ରା. ବାଇଗଣ ଓ ୬ କି.ଗ୍ରା. କାକୁଡ଼ିର ମୂଲ୍ୟ ଟ୫୦୦ । ୧ କି.ଗ୍ରା. ବାଇଗଣର ଦାମ୍ କେତେ ?

(A) ୩୫ଟଙ୍କା (B) ୪୫ ଟଙ୍କା

(C) ୫୦ ଟଙ୍କା (D) ୪୦ ଟଙ୍କା

28. ସରୋଜ ବାବୁ ଜଣେ କଣ୍ଟ୍ରାକ୍ଟର ସହ ୧୨ ଦିନରେ ଗୋଟିଏ ରାସ୍ତା ତିଆରି କରିବେ ବୋଲି ଚୁକ୍ତି କରି ୫୦ ଜଣ ଶ୍ରମିକ ନିଯୁକ୍ତି କଲେ । ୯ ଦିନ ପରେ ଦେଖାଗଲା ଯେ କାର୍ଯ୍ୟର ୧/୨ ଅଂଶ ହୋଇଛି । ଆଉ କେତେଜଣ ଶ୍ରମିକ ଅଧିକ ଲଗାଇଲେ କାର୍ଯ୍ୟଟି ଚୁକ୍ତି ଅନୁସାରେ ଶେଷ ହେବ ?

(A) ୧୦୦ ଜଣ (B) ୫୦ଜଣ

(C) ୧୫୦ ଜଣ (D) ୨୦୦ ଜଣ

https://ssvmkalamachhuin.in/

29. ଘଣ୍ଟାକୁ ୩୬କି.ମି. ବେଗରେ ଯାଉଥିବା ଏକ ରେଳଗାଡ଼ି ୧୫ ସେକେଣ୍ଡରେ ରେଳ ରାସ୍ତା କଡ଼ରେ ଥିବା ଏକ ଖୁଣ୍ଟକୁ ଓ ୩୦ ସେକେଣ୍ଡରେ ଏକ ପୋଲକୁ ଅତିକ୍ରମ କରେ । ଗାଡ଼ିର ଦୈର୍ଘ୍ୟ କେତେ ଓ ପୋଲର ଦୈର୍ଘ୍ୟ କେତେ ?

(A) ୧୫୦ମି. ଓ ୧୫୦ମି. (B) ୨୦୦ମି. ଓ ୧୦୦ ମି.

(C) ୧୫୦ମି. ଓ ୧୦୦ ମି (D) ୨୦୦ ମି ଓ ୧୫୦ମି.

30. ଶତକଡ଼ା ବାର୍ଷିକ ୫ ହାର ସରଳ ସୁଧରେ ୫୦୦ ଟଙ୍କାର ୩ ବର୍ଷ ୩ ମାସର ସୁଧ କେତେ ହେବ ?

(A) ଟ୮୧.୫୦ପ. (B) ଟ୮୨.୫୦ପ.

(C) ଟ୮୦.୨୫ପ. (D) ଟ୮୧.୨୫ପ.

31. କେଉଁ ମୂଳଧନର ଶତକଡ଼ା ୬ ହାର ସୁଧରେ ୫ ବର୍ଷରେ ୯୭୫ଟଙ୍କା ହୋଇଯିବ ?

(A) ୭୪୫ଟଙ୍କା (B) ୭୫୦ଟଙ୍କା

(C) ୮୦୦ ଟଙ୍କା (D) ୭୭୦ ଟଙ୍କା

32. ଯେଉଁ ମୂଳଧନ ଶତକଡ଼ା ୧୦ ହାର ସରଳସୁଧରେ ୨ ବର୍ଷରେ ୭୨୦ ଟଙ୍କା ହୁଏ, ସେହି ମୂଳଧନ କେତେ ବର୍ଷରେ ଦ୍ୱିଗୁଣିତ ହେବ ?

(A) ୧୦ ବର୍ଷ (B) ୮ ବର୍ଷ (C) ୧୨ ବର୍ଷ (D) ୯ ବର୍ଷ

33. କୌଣସି ମୂଳଧନର ୪ ବର୍ଷର ସମୂଳ ସୁଧ ୫୮୦ଟଙ୍କା ଓ ସେହି ମୂଳଧନର ୬ ବର୍ଷର ସମୂଳସୁଧ ୬୨୦ଟଙ୍କା । ମୂଳଧନ କେତେ ?

(A) ୫୫୦ ଟଙ୍କା (B) ୪୫୦ ଟଙ୍କା

(C) ୪୦୦ ଟଙ୍କା (D) ୫୦୦ ଟଙ୍କା

34. କେଉଁ ବୃହତ୍ତମ ସଂଖ୍ୟା ଦ୍ୱାରା ୩୨୮, ୫୪୪ ଓ ୮୩୨ କୁ ଭାଗକଲେ ଭାଗଶେଷ ପ୍ରତ୍ୟେକ ସ୍ଥଳରେ ସମାନ ରହିବ ?

(A) ୭୧ (B) ୭୨ (C) ୮୧ (D) ୭୦

35. ପାଞ୍ଚଅଙ୍କ ବିଶିଷ୍ଟ କେଉଁ କ୍ଷୁଦ୍ରତମ ସଂଖ୍ୟାରୁ ୯୫୪ ବିୟୋଗ କଲେ ତାହା ୧୬, ୧୮, ୨୪, ୩୦ ଓ ୪୦ ଦ୍ୱାରା ବିଭାଜ୍ୟ ହେବ ?

(A) ୧୧୦୩୬ (B) ୧୨୦୪୦

(C) ୧୧୦୩୪ (D) ୧୧୦୩୮

https://ssvmkalamachhuin.in/

**ରଫ୍**

36. ୮୦୦ର ନିକଟତମ କେଉଁ ସଂଖ୍ୟାଟିକୁ ୧୨, ୧୫, ୨୦ ଓ ୨୫ ଦ୍ୱାରା ଭାଗକଲେ ଭାଗଶେଷ ୨, ୫, ୧୦ ଓ ୧୫ ରହିବ ?

(A) ୫୯୦ (B) ୬୧୦ (C) ୭୯୦ (D) ୮୯୦

37. ୨୦ ଜଣ ଲୋକ ୨୦ ଦିନରେ ୬୦୦ ଗାମୁଛା ବୁଣିପାରନ୍ତି । ୧୦ ଜଣ ଲୋକ ୧୦ ଦିନରେ କେତୋଟି ଗାମୁଛା ବୁଣିପାରିବେ ?

(A) ୧୫୦ (B) ୫୦ (C) ୨୫୦ (D) ୭୫

38. $\frac{୩୬}{୩୭}$ ଓ $\frac{୩୭}{୩୮}$ ମଧ୍ୟରେ କେଉଁ ଭଗ୍ନାଂଶ ସାନ ?

(A) $\frac{୩୬}{୩୮}$ (B) $\frac{୩୬}{୩୭}$ (C) $\frac{୩୭}{୩୮}$ (D) $\frac{୩୭}{୩୭}$

39. ଏହି ଭାଗକ୍ରିୟାରେ ଭାଜ୍ୟଟି କେତେ ?

| | |
|---|---|
| 2 | |
| 3 | -1 |
| 3 | -1 |
| 5 | -2 |
| | 4 -1 |

(A) ୩୭୩ (B) ୩୬୩ (C) ୩୯୩ (D) ୩୮୩

40. ଯେତେ ଗୋଟି ପ୍ରକୃତ ଭଗ୍ନାଂଶର ହର ୧୦, ସେ ସମସ୍ତ ଭଗ୍ନାଂଶ ଯୋଗ କଲେ, ଯୋଗଫଳ କେତେ ହେବ ?

(A) ୪$\frac{୧}{୨}$ (B) ୫ (C) ୪ (D) ୩$\frac{୧}{୨}$

41. ଗୋଟିଏ ଟେବୁଲର ଉପରିଭାଗର ଦୈର୍ଘ୍ୟ ୨.୫ ମିଟର ଓ ପ୍ରସ୍ଥ ୧.୫ ମିଟର । ଗୋଟିଏ ଟେବୁଲ କ୍ଲଥ ଦ୍ୱାରା ଏହା ସଂପୂର୍ଣ୍ଣ ଆବୃତ ହୋଇ ଚତୁର୍ଦ୍ଦିଗରେ ୫୦ ସେ.ମି. ଲେଖାଁ ଝୁଲି ପଡ଼ିଛି । ଟେବୁଲ କ୍ଲଥର କ୍ଷେତ୍ରଫଳ କେତେ ?

(A) ୮ ବର୍ଗ ମିଟର (B) ୯ ବର୍ଗ ମିଟର

(C) ୮.୫ବର୍ଗ ମିଟର (D) ୮.୭୫ବର୍ଗ ମିଟର

42. ଗୋଟିଏ କାଠଗଣ୍ଡିର ଦୈର୍ଘ୍ୟ ୪ ମିଟର, ପ୍ରସ୍ଥ ୨୫ ସେ.ମି. ଓ ମୋଟେଇ ୨୫ ସେ.ମି. । ଏକ ଘନ ମିଟର କାଠର ଦାମ୍ ୧୪୦୦ ଟଙ୍କା ହେଲେ କାଠ ଗଣ୍ଡିର ଦାମ୍ କେତେ ?

(A) ୩୦୦ ଟଙ୍କା (B) ୩୫୦ ଟଙ୍କା

(C) ୪୦୦ ଟଙ୍କା (D) ୩୭୫ ଟଙ୍କା

https://ssvmkalamachhuin.in/

ରଫ୍

43. ଗୋଟିଏ ସମଘନାକାର ମାଟିଗଦାର ଉଚ୍ଚତା ୧ ମିଟର ଥିଲା । ଏହାକୁ ଭାଙ୍ଗି ୧୦ ମିଟର ଲମ୍ବ ଓ ୨ ମିଟର ଓସାର ବିଶିଷ୍ଟ ଏକ ମାଟିଗଦାରେ ପରିଣତ କରାଗଲା । ତେବେ ମାଟିଗଦାର ଉଚ୍ଚତା କେତେ ହେବ ?

(A) $\frac{୧}{୨୦}$ ମି. (B) $\frac{୧}{୨୦}$ ସେ.ମି.

(C) $\frac{୧}{୧୦}$ ମି. (D) $\frac{୧}{୧୦}$ ସେ.ମି.

44. ୧୦୫ × ୧୦୭ × ୧୦୩ = $୧୦୫^{+୫}$ × $୧୦୭^{+୨}$ × $୧୦୩^{+୩}$

= ୧୧୫ / ୭୧ / ୧—

ଶୂନ୍ୟସ୍ଥାନ ପୂରଣ କର ।

(A) ୦୫ (B) ୦୩ (C) ୦୪ (D) ୦୬

45. ଶୂନ୍ୟସ୍ଥାନ ପୂରଣ କର ।

```
୩ | ୮ ୯ ୪ / ୮
୫ |   ୩ ୬ / —
  |_________
  | ୧ ୬ ୮ / ୪୪
```

(A) ୨ (B) ୪ (C) ୬ (D) ୮

46. ଉତ୍ତର ଲେଖ ।

```
   ୭୨
 × ୭୬
 ______
 ୫୬ / ୧୨
  ୧ / ୪
 ______
```

(A) ୫୭୫୨ (B) ୫୪୭୨ (C) ୫୫୭୨ (D) ୪୭୫୨

47. ଉତ୍ତର ଲେଖ ।

```
   ୫୨ + ୨
 × ୪୭ − ୩
 __________
 ୪୯ × ୫ / ୬̄
 __________
```

(A) ୨୪୪୪ (B) ୨୪୫୪ (C) ୨୪୬୪ (D) ୨୪୫୫

48. ଭାଗକ୍ରିୟାରେ ଶୂନ୍ୟସ୍ଥାନ ପୂରଣ କର ।

```
୩୨ | ୩୨୯ | ୪୨
୭  |   ୪ | —୧
   |_____|_____
   | ୪ ୫ |   ୨
```

(A) ୫ (B) ୪ (C) ୩ (D) ୨

ରଫ୍

49. ____୧୧୦୪ ସଂଖ୍ୟାଟି ୧୩ ଦ୍ୱାରା ବିଭାଜ୍ୟ ? ଶୂନ୍ୟସ୍ଥାନ ପୂରଣ କର ।

(A) ୮ (B) ୭ (C) ୯ (D) ୬

50. ଗୁଣନକ୍ରିୟାର ଶୂନ୍ୟସ୍ଥାନରେ କେତେ ଲେଖିଲେ ଉତ୍ତରଟି ଠିକ୍ ହେବ ?

```
   ୪୩
 × ୪୯
 ------
 ୨୦ / ୨୭
   ___
 ------
```

(A) ୮୦ (B) ୭୦ (C) ୧୦୦ (D) ୮

https://ssvmkalamachhuin.in/